# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 December - 2024**

**News Editor : Tapan Kumar Maharana**

********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଆଗତ କଲେ ଅତିରିକ୍ତ ଖର୍ଚ୍ଚ ଦାବି, ଗୃହରେ ଆଲୋଚନା ଜାରି ।
- ରାଜ୍ୟ ପୁଲିସ ବିଭାଗରେ ଖାଲିପଡିଥିବା ପଦବୀଗୁଡ଼ିକର ପୂରଣ ପାଇଁ ଗ୍ରହଣ କରାଯାଉଛି ଆବଶ୍ୟକ ପଦକ୍ଷେପ: କହିଲେ ମୁଖ୍ୟମନ୍ତ୍ରୀ ।
- ରାଜ୍ୟରେ ୫ ହଜାର ୧୪ ଡାକ୍ତର ପଦବୀ ଖାଲି ପଡିଛି ବୋଲି ସୂଚନା ଦେଲେ : ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଶେଷହେବ ଦେବଦୀପାବଳୀ ଉତ୍ସବ ।

*Assembly*

## ଅତିରିକ୍ତ ଖର୍ଚ୍ଚ ଦାବି

ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ବିଧାନସଭାରେ ଆଜି ଆଲୋଚନା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଅତିରିକ୍ତ ଖର୍ଚ୍ଚ ଦାବି ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି। ସେଥିମଧ୍ୟରେ ସ୍ୱରାଷ୍ଟ୍ର ବିଭାଗ ପ୍ରଶାସନିକ ବ୍ୟୟ ବାବଦରେ ୭୯୪ କୋଟି ୭୮ ଲକ୍ଷ ୯୧ ହଜାର ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୪୩୫ କୋଟି ୮୮ ଲକ୍ଷ ୯୯ ହଜାର ଟଙ୍କା, ବିପର୍ଯ୍ୟୟ ପରିଚାଳନା ପାଇଁ ୧୨୦ କୋଟି ୨୪ ଲକ୍ଷ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୩୩ କୋଟି ୬୭ ଲକ୍ଷ ୪୪ ହଜାର ଟଙ୍କା ରହିଛି।

*HS*

## ଅନୁଦାନ ରାଶି ଖର୍ଚ୍ଚରେ ବିଳମ୍ବ

ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ଅନୁଦାନ ରାଶି ଖର୍ଚ୍ଚରେ ବିଳମ୍ବ ନେଇ ବିଧାନସଭାରେ ଆଜି ଉଦ୍‌ବେଗ ପ୍ରକାଶ ପାଇଛି। ବିରୋଧି ଦଳର ସଦସ୍ୟମାନେ ଏହି ରାଶି ଖର୍ଚ୍ଚ ନେଇ ବିଶେଷ ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଧାରିତ ସମୟ ମଧ୍ୟରେ ଶତପ୍ରତିଶତ ଅନୁଦାନ ରାଶି ଖର୍ଚ୍ଚ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ବିରୋଧୀ ସଦସ୍ୟଙ୍କ

ଉଦ୍‌ବେଗକୁ ସରକାର ଆନ୍ତରିକତାର ସହ ଗ୍ରହଣ କରିବା ସହିତ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି।

***HS***

## ସାଇବର ଅପରାଧ

ସାଇବର ଅପରାଧ ଅଭିଯୋଗରେ ୧ ହଜାର ୩୮୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଗତ ତିନିବର୍ଷରେ ସାଇବର ଅପରାଧୀ ୧୨୫ କୋଟି ଟଙ୍କା ଠକିନେଇଛନ୍ତି। ଏ ସଂକ୍ରାନ୍ତରେ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଛି। ତେବେ ଲୁଟ୍ ଅର୍ଥ ମଧ୍ୟରୁ ମାତ୍ର ୨ କୋଟି ୫୨ ଲକ୍ଷ ଟଙ୍କା ଫେରସ୍ତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତବର୍ଷ ସାଇବର ଠକେଇ ଅପରାଧରେ ୨ ହଜାର ୩୪୮ଟି ମାମଲା ରୁଜୁ ହୋଇଥିବାବେଳେ ୫୨୨ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଇତିମଧ୍ୟରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ରାଜସ୍ୱ ବିଭାଗର ସର୍ବାଧିକ ୨୦ ଜଣ ଅଧିକାରୀ ଥିବାବେଳେ ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀ ଅଛନ୍ତି।

***BBSR***

## ପୁଲିସ୍ ବିଭାଗରେ ଖାଲିପଡିଥିବା ପଦବୀ

ରାଜ୍ୟ ପୁଲିସ୍ ବିଭାଗରେ ଖାଲିପଡ଼ିଥିବା ପଦବୀଗୁଡ଼ିକର ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଗତ ନଭେମ୍ବର ପହିଲା ସୁଦ୍ଧା ରାଜ୍ୟ ପୁଲିସ୍ ବିଭାଗରେ ୧୩ ହଜାର ୩୭୩ଟି ପଦବୀ ଖାଲି ପଡ଼ିଛି। ଅଗ୍ନିଶମ, ଗୃହରକ୍ଷୀ ଏବଂ ଜେଲ୍ ଆଦି ବିଭିନ୍ନ କ୍ଷେତ୍ରରେ ଖାଲିପଡିଥିବା ପଦବୀଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଛି। ପୁଲିସ ଆଧୁନିକୀକରଣ, ନକ୍ସଲ ମୁକାବିଲା ଆଦି କ୍ଷେତ୍ର ପାଇଁ କେନ୍ଦ୍ର ସରକାର ଗତ ୨ ବର୍ଷରେ ବିଭିନ୍ନ ଯୋଜନା ଅଧିନରେ ରାଜ୍ୟକୁ ୧୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ, ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ଥଇଥାନ, ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ସାମଗ୍ରୀ କ୍ରୟ ଆଦି ପାଇଁ ଏହି ଅର୍ଥ ବ୍ୟୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି।

***HS***

## ମୋବାଇଲ ଟାୱାର ସ୍ଥାପନା

ରାଜ୍ୟର ସବୁ ଅଞ୍ଚଳରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ମୋବାଇଲ୍ ଟାୱାର ସ୍ଥାପନା ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବିଧାନସଭାରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି ଭାରତ ସରକାରଙ୍କ ଡିଜିଟାଲ ଭାରତ ନିଧି ପ୍ରକଳ୍ପ ଅନ୍ତର୍ଗତ ତିନୋଟି ଯୋଜନା ଅଧିନରେ ମୋଟ ୪ ହଜାର ୨୭୭ଟି ମୋବାଇଲ ଟାୱାର ସ୍ଥାପନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ସେଥିମଧ୍ୟରୁ ୨ ହଜାର ୯୮୭ଟି ଟାୱାରର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨ ହଜାର ୮୫ଟି ଟାୱାର ମାଧ୍ୟମରେ ମୋବାଇଲ ସେବା ଉପଲବ୍ଧ କରାଯାଇଛି । ଅନ୍ୟ ୯୦୨ଟି ଟାୱାରର କାର୍ଯ୍ୟ ଚାଲୁ ରହିଛି । ତେବେ ନିର୍ଦ୍ଧାରିତ ସମୟ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି ବୋଲି ଡକ୍ଟର ମହାଲିଙ୍ଗ ସୂଚନା ଦେଇଛନ୍ତି ।

***HS***

## ଡାକ୍ତରୀ ପଦବୀ ଖାଲି

ରାଜ୍ୟରେ ୫ ହଜାର ୧୪ ଡାକ୍ତରୀ ପଦବୀ ଖାଲି ପଡିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ଆଜି ସୂଚନା ଦେଇଛନ୍ତି । ୩୦ଟି ଜିଲ୍ଲାର ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପଦବୀ ଖାଲି ରହିଥିବା ସେ କହିଛନ୍ତି । ଖାଲିପଡିଥିବା ଡାକ୍ତରୀ ପଦବୀ

ମଧ୍ୟରୁ ୧ ହଜାର ୧୧୪ ସ୍ପେଶାଲିଷ୍ଟ ପଦବୀ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୫୦ ଡାକ୍ତରୀ ପଦବୀ ଖାଲି ପଡିଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୮୭ଟି ସ୍ପେଶାଲିଷ୍ଟ ଡାକ୍ତର ପଦବୀ ଖାଲି ରହିଛି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି ଦୀର୍ଘଦିନ ଧରି ଛୁଟିରେ ଥିବା ୧୯୬ ଜଣ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭିନ୍ନ ଭିନ୍ନ କ୍ୟାଡରର ଏହି ଡାକ୍ତରମାନେ ବିଭିନ୍ନ କାରଣ ଦର୍ଶାଇ ଛୁଟିରେ ଅଛନ୍ତି ବୋଲି ସେ କହିଛନ୍ତି।

*Nabarangpur*

## ଧାନମଣ୍ଡି

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୧୦ ତାରିଖରେ ଧାନମଣ୍ଡି ଖୋଲାଯିବ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆଜି ଜିଲ୍ଲାରେ ଧାନମଣ୍ଡି ଖୋଲିବାର ଥିଲେ ମଧ୍ୟ କୋହଲା ପାଗ ଯୋଗୁଁ ଧାନ ଅମଳ ବିଳମ୍ବିତ ହେଉଥିବାରୁ ଏ ନିଷ୍ପତ୍ତି ନିଆଯାଇଛି। ଆଭାସୀ ଜରିଆରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳଙ୍କ ସମେତ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଡାବୁଗାଁ, ନବରଙ୍ଗପୁର ଓ ଝରିଗାଁ ବିଧାୟକ ପ୍ରମୁଖ ଏହି ନିଷ୍ପତ୍ତି ନେଇଥିଲେ। ଚଳିତ ଖରିଫ ଋତୁରେ ନବରଙ୍ଗପୁର ଜିଲ୍ଲାରେ ୪୨ ହଜାର ୪୧୧ ଜଣ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ୧୩ ଗୋଟି ଲ୍ୟାମ୍ପସ୍,

୪୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୨ଟି ପାଣିପଞ୍ଚାୟତ ଜରିଆରେ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି ।

***Ganjam***

## ହାତୀପଲଙ୍କ ଗତିବିଧି

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅନ୍ତର୍ଗତ ଉତ୍ତର ଘୁମୁସର ବନଖଣ୍ଡ ଅଞ୍ଚଳରେ ହାତୀପଲଙ୍କ ଗତିବିଧି ଉପରେ ବନବିଭାଗ ପକ୍ଷରୁ ନଜର ରଖାଯାଇଛି । ଜିଲ୍ଲା ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି ମୁଜାଗଡ଼ ଏବଂ ଗ୍ୟାଲେରୀ ବନାଞ୍ଚଳରେ ଗତ କିଛିଦିନ ହେବ ଏକ ୨୬ ଟିକିଆ ହାତୀପଲ ବିଚରଣ କରୁଛନ୍ତି । କେତେକ ଚାଳଛପର ଘରକୁ ସେମାନେ ଭାଙ୍ଗିଦେଇଥିବାବେଳେ ଖାଦ୍ୟସାମଗ୍ରୀ ନଷ୍ଟ କରୁଥିବାର ସୂଚନା ମିଳିଛି । ଏ ନେଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

***Desk***

## ରେଳ ପ୍ରକଳ୍ପ

ପୂର୍ବତଟ ରେଳ ନେଟୱାର୍କ ଅଞ୍ଚଳର ବିକାଶ ଲକ୍ଷ୍ୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପଗୁଡ଼ିକ ପାଇଁ ୭୩ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ରେଳପଥ ନିର୍ମାଣ, ଓଭରବ୍ରିଜ୍ ଏବଂ ଭୂମିତଳ ପଥ ନିର୍ମାଣ କାର୍ଯ୍ୟକୁ ଏହି ପ୍ରକଳ୍ପଗୁଡ଼ିକରେ ସାମିଲ କରାଯାଇଛି। ରାୟଗଡ଼ାଠାରେ ୧୦୭ କୋଟି ଟଙ୍କା ବ୍ୟୟ କରାଯାଇଛି ଏକ ନୂଆ ରେଳ ଡିଭିଜନ ସ୍ଥାପନ କରାଯାଉଛି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଦକ୍ଷିଣ ତଟ ରେଳପଥ ବା ରେଳଜୋନ୍‌ର ସ୍ଥାପନ କରାଯିବ। ଏହା ଦେଶର ଅଷ୍ଟାଦଶ ରେଳ ଜୋନ୍ ହେବାକୁ ଯାଉଛି। ତେବେ ଏଥିରେ ଓଡ଼ିଶାର କୌଣସି ରେଳ ଅଂଶ ବା ଜୋନ୍ ସାମିଲ ହେଉନାହିଁ ବୋଲି ରେଳବାଇ ସ୍ପଷ୍ଟ କରିଛି। ଏପରିକି ପୂର୍ବତଟ ରେଳପଥ ଅଧିନରୁ ୱାଲଟିୟର ଅନ୍ୟ ଡିଭିଜନକୁ ସ୍ଥାନାନ୍ତର କରାଯାଉଥିଲେ ମଧ୍ୟ ଓଡ଼ିଶାରେ ପୂର୍ବଭଳି ତିନୋଟି ଡିଭିଜନ ରହିବ ବୋଲି ରେଳବାଇ କହିଛି।

***Puri***

## ଦେବଦୀପାବଳୀ ଉତ୍ସବ

ପୁରୀ ଶ୍ରୀମନ୍ଦିରରେ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଦେବଦୀପାବଳୀ ଉତ୍ସବ ଆଜି ଶେଷହେବ। ଶନିବାର ଦିନ ବିଧି ଅନୁଯାୟୀ ସତ୍ୟଯୁଗର ନିଜ ପିତୃପୁରୁଷ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ଶ୍ରୀଜୀଉମାନେ ଦୀପଦାନ କରିଥିବାବେଳେ ଗତକାଲି ମାର୍ଗଶୀର ଅମାବାସ୍ୟା ତିଥିରେ ତ୍ରେତୟା ଯୁଗର ରାମ ଅବତାର ସମୟରେ ନିଜ ପିତାମାତା ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଛନ୍ତି।

ଆଜି ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହୋଇ ପରମ୍ପରା ଅନୁଯାୟୀ ସନ୍ଧ୍ୟାଧୂପ ନୀତି ପରେ ଶ୍ରାଦ୍ଧ ପ୍ରଦାନ କରିବେ। ଏ ନେଇ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଛି।

***Koraput***

## ପୁଟ୍‌ସିଲ ଇକୋ ରିଟ୍ରିଟ୍

କୋରାପୁଟ ଜିଲ୍ଲା ପୁଟ୍‌ସିଲ ଇକୋ ରିଟ୍ରିଟ୍ ଉଦ୍‌ଘାଯିତ ହୋଇଛି। ଏଥିରେ ମୋଟ ୨୮ଟି କଟେଜ୍ ରହିଛି। ସେଥିମଧ୍ୟରେ ୨୩ଟି ଡିଲକ୍ସ ଏବଂ ୫ଟି ପ୍ରିମିୟମ୍ ପର୍ଯ୍ୟାୟଭୁକ୍ତ। ପର୍ଯ୍ୟଟକଙ୍କ ମନୋରଞ୍ଜନ ଲକ୍ଷ୍ୟରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ବିଭିନ୍ନ କ୍ରୀଡ଼ା ମାଧ୍ୟମରେ ପର୍ଯ୍ୟଟକଙ୍କୁ ମନୋରଞ୍ଜନର ମାଧ୍ୟମ ଯୋଗାଇଦେବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Bhadrak***

## ଧାରଣା ପ୍ରତ୍ୟାହୃତ

ସର୍ବଭାରତୀୟ ବ୍ୟବସାୟୀ ସଂଘ ଓଡ଼ିଶା ଶାଖା ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା କାର୍ଯ୍ୟକ୍ରମ ପ୍ରତ୍ୟାହୃତ ହୋଇଛି। ସଂଘର ଦାବି ଉପରେ ବିଚାର କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପ୍ରଶାସନକୁ ପ୍ରଦାନ କରାଯାଇଛି ।

*Nuapada*

## ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନୂଆପଡ଼ା ମିନି ଷ୍ଟାଡ଼ିୟମରେ ଆସନ୍ତା ମାସ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ୩୩ତମ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ନୂଆପଡ଼ା ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଏହି ପ୍ରତିଯୋଗିତାରେ ବିଳାସପୁର, ଭିଲ୍ଲାଇ, ନାଗପୁର, କଟକ, ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା ଓ ସମ୍ବଲପୁରର କ୍ରିକେଟ ଦଳଗୁଡ଼ିକ ଯୋଗଦେବେ । ଚମ୍ପିଆନ୍ ଦଳକୁ ଟ୍ରଫି ସହ ୮୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୪୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି ।